# ଉତ୍ତରାୟଣର ପର୍ବ ମକର ସଂକ୍ରାନ୍ତି

**ଗୋଲାପ ନନ୍ଦ**

ସର୍ବ ଧର୍ମ ସମନ୍ୱୟର ଦେଶ ଏଇ ଭାରତରେ ସଂସ୍କୃତି ଓ ଧାର୍ମିକ ପରମ୍ପରା ପ୍ରଚଳିତ । ସେଇ ଧାର୍ମିକ ରୀତିନୀତିରେ ମକର ସଂକ୍ରାନ୍ତିର ଗୁରୁତ୍ୱ ଅନ୍ୟତମ । ଏହି ପର୍ବକୁ ସମସ୍ତେ ଉତ୍ସାହର ସହ ପାଳନ କରନ୍ତି । କେତେକ ଏହି ପର୍ବପର୍ବାଣିକୁ ପରମ୍ପରା ଅନୁସାରେ ପାଳନ କରୁଥିବା ବେଳେ ଆଉ କେତେକ ପର୍ବ ପାଳନ କରିବା ପଛରେ ଜ୍ଞାନ, ବିଜ୍ଞାନ ସ୍ୱାସ୍ଥ୍ୟ ସହ ଜଡ଼ିତ ଅନେକ କାରଣ ରହିଛି ବୋଲି କହିଥାନ୍ତି ।

ସୂର୍ଯ୍ୟ ଧନୁରାଶିକୁ ଛାଡି ମକର ରାଶିକୁ ଆସିଲେ ତାହାକୁ ମକର ସଂକ୍ରାନ୍ତି କୁହାଯାଏ । ବାର ମାସରେ ପାଳନ କରାଯାଉଥିବା ସଂକ୍ରାନ୍ତି ମଧ୍ୟରୁ ମକର ଏବଂ କର୍କଟ ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ରହିଛି। ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିକୁ ଆସନ୍ତି । ଏହି ଦିନଠାରୁ ଛଅ ମାସ ପର୍ଯ୍ୟନ୍ତ ଉତ୍ତର ଦିଗକୁ ଯାତ୍ରା କରିଥାନ୍ତି । ପୂର୍ବ ଛଅ ମାସରୁ ତାଙ୍କର ଗତି ଦକ୍ଷିଣାୟନ ଥିଲା କର୍କଟ ସଂକ୍ରାନ୍ତିଠାରୁ । ସୂର୍ଯ୍ୟଙ୍କର ଉତ୍ତରାୟଣ, ଦକ୍ଷିଣାୟନ ଓ ବିଷୁବ ଗତି ଅନୁସାରେ ଦିନ, ରାତି ବଡ ଛୋଟ ବା ସମାନ ହୁଏ । ଓଡ଼ିଆ ପ୍ରବାଦ ଅନୁଯାୟୀ ମକର ଦିନଠାରୁ ବେଳ ବକର ହୁଏ ଅର୍ଥାତ୍ ଏହି ଦିନଠାରୁ ଦିନ କ୍ରମଶଃ ବଡ ହୁଏ । ଏହି ଦିନଠାରୁ ସୂର୍ଯ୍ୟଙ୍କର ତେଜ ପ୍ରଖର ହୁଏ । ବିଜ୍ଞାନମତ ଅନୁସାରେ ଉତ୍ତରାୟଣରେ ସୂର୍ଯ୍ୟଙ୍କର ଗତି ପୃଥିବୀରେ ଆଲୋକର ସମୟ ବଢାଇଦିଏ । ଏହି କାରଣରୁ ଦିନ ବଡ ହୋଇଚାଲେ । ସୂର୍ଯ୍ୟଙ୍କର ସଳଖ କିରଣ ପୃଥିବୀ



ଉପରେ ପଡେ । ଏଥିପାଇଁ ଉତ୍ତାପ ବଢେ ଓ ଶୀତରୁ ମୁକ୍ତି ମିଳେ ।

ପୌରାଣିକ ମତ ଅନୁସାରେ ଉତ୍ତରାୟଣ ଦେବତାମାନଙ୍କର ଦିନ ଭାବେ ପରିଗଣିତ । ତେଣୁ ମକର ସଂକ୍ରାନ୍ତିର ଶୁଭ ଅବସରରେ ଶୁଭ ମୁହୂର୍ତ୍ତରେ ସ୍ନାନ ଓ ଦାନ ପୁଣ୍ୟ କରିବାର ବିଶେଷ ମହତ୍ତ୍ୱ ରହିଛି। ବିଶ୍ୱାସ ରହିଛି ଉତ୍ତରାୟଣରେ ମୃତ୍ୟୁବରଣ କରୁଥିବା ମନୁଷ୍ୟ ବିଷ୍ଣୁଲୋକରେ ସ୍ଥାନ ପାଇଥାଏ । ଏହି କାରଣରୁ ପିତାମହ ଭୀଷ୍ମ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିକୁ ଅପେକ୍ଷା କରି ଶରଶଯ୍ୟାରେ ପଡି ରହିଥିଲେ ଏବଂ ଉତ୍ତରାୟଣରେ ଦେହ ତ୍ୟାଗ କରିଥିଲେ । ଉତ୍ତରାୟଣ ବିଶେଷ କରି ମକର ସଂକ୍ରାନ୍ତି ଭଳି ପବିତ୍ର ତିଥିରେ ମୃତ୍ୟୁବରଣ କରୁଥିବା ପ୍ରାଣୀର ପୁନର୍ଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି ।

ମକର ସଂକ୍ରାନ୍ତିର ସ୍ନାନ ଅଧିକ ପୁଣ୍ୟଦାୟୀ । ପ୍ରାତଃ କାଳରୁ ନଦୀ ପୁଷ୍କରିଣୀରେ ତିଳ ବା ରାଶିକୁ (ଚିକ୍କଣ ଭାବେ ବଟା ଯାଇଥିବା) ଦେହରେ ଲଗାଇ ବୁଡ ପକାଯାଏ । ସ୍ନାନ ପରେ ସୂର୍ଯ୍ୟ ଦେବତାଙ୍କର ଏବଂ ଶିବଙ୍କର ଆରାଧନା କରାଯାଇଥାଏ । ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ଯାତ୍ରା ''ଉତ୍ତରାୟଣ ଯାତ୍ରା'' ବା ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ ହୁଏ । ଏହି ଯାତ୍ରା ସମ୍ବନ୍ଧରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି



ଯେ ମହାପୁଣ୍ୟମୟ ମକର ସଂକ୍ରାନ୍ତି ଦିନ ଶ୍ରୀକ୍ଷେତ୍ରରେ ତୀର୍ଥରାଜ ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ କଳ୍ପବଟ ପ୍ରଦକ୍ଷିଣ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଅଶେଷ ଫଳପ୍ରାପ୍ତି ହୋଇଥାଏ । ଏହି ଦିନ ପ୍ରସିଦ୍ଧ ଗଙ୍ଗାସାଗର ମେଳା ଅନୁଷ୍ଠିତ ହୁଏ । ପୁଣ୍ୟଲାଭ ଆଶାରେ ଲୋକେ ଗଙ୍ଗାସାଗରରେ ବୁଡ ପକାଇଥାନ୍ତି । କୁହାଯାଏ ମକର ସଂକ୍ରାନ୍ତି ଦିନ ଗଙ୍ଗା ମାତା ରାଜା ଭଗିରଥୀଙ୍କ ପଛେ ପଛେ ଯାଇ କପିଳ ମୁନିଙ୍କ ଆଶ୍ରମ ଦେଇ ସାଗରରେ ମିଶିଥିଲେ । ତେଣୁ ଏହି ଦିନରେ ଗଙ୍ଗାସାଗର ମେଳା ହୋଇଥାଏ । ଏହି ଦିନ ସୂର୍ଯ୍ୟଦେବ ନିଜ ପୁତ୍ର ଶନିଙ୍କୁ ଭେଟିବାକୁ ସ୍ୱୟଂ ତାଙ୍କ ଘରକୁ ଯାଇଥିଲେ । ମାଆ ଯଶୋଦା ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ କରିବା ପାଇଁ ଏହି ଦିନ ବ୍ରତ ରଖିଥିଲେ ।

ମକର ସଂକ୍ରାନ୍ତି ଦିନ ଭିନ୍ନ ଭିନ୍ନ ଖାଦ୍ୟ ସହିତ ଖେଚୁଡି ତିଆରି କରିବା ଓ ଖାଇବାର ବିଶେଷ ମହତ୍ତ୍ୱ ଥାଏ । ଏହାକୁ ଅନେକ ସ୍ଥାନରେ ଖେଚୁଡି ପର୍ବ ମଧ୍ୟ କୁହାଯାଏ । ଚାଉଳକୁ ଚନ୍ଦ୍ରମାର ପ୍ରତୀକ ବୋଲି କୁହାଯାଏ ଓ ବିରି ଡାଲିକୁ ଶନିଙ୍କ ପ୍ରତୀକ ବୋଲି କୁହାଯାଏ । ସବୁଜ ପନି ପରିବା ବୁଧଙ୍କ ସହିତ ସମ୍ବନ୍ଧ ରଖେ । ମାନ୍ୟତା ଅଛି– ଖେଚୁଡିର ଉତ୍ତାପ ମଙ୍ଗଳ ଓ ସୂର୍ଯ୍ୟଙ୍କ ସହିତ ଜଡ଼ିତ । ସେଥିପାଇଁ ମକର ସଂକ୍ରାନ୍ତି ଦିନ ଖେଚୁଡି ଖାଇବା ଦ୍ୱାରା ରାଶିରେ ଗ୍ରହଗୁଡିକର ସ୍ଥିତି ମଜବୁତ୍ ହୋଇଥାଏ । ନୂଆ ଚାଉଳର ପ୍ରସ୍ତୁତ ଖେଚୁଡି ଖାଇଲେ ବର୍ଷସାରା ଆରୋଗ୍ୟତା ମିଳେ ।

ମକର ସଂକ୍ରାନ୍ତି ବେଳକୁ ଓଡିଶାରେ ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ । ତେଣୁ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆ ଗୁଡ, ଛେନା, ନଡିଆ କୋରା, ପାଚିଲା କଦଳୀ, ସେଓ, କାଜୁ, କିସ୍‌ମିସ୍, କ୍ଷୀର ଇତ୍ୟାଦି ଏକତ୍ର ମିଶାଇ ଗୋଳାଇ ଗୋଟିଏ ସୁମିଷ୍ଟ ଭୋଗ ପ୍ରସ୍ତୁତ କରି ଗୃହ ଦେବତାଙ୍କୁ ଓ ଧାନ ଖଳାରେ ପୂଜା କରାଯାଏ । ରାଶିକୁ ବାଟି ଅରୁଆ ଚାଉଳ, ଗୁଡ, ନଡିଆ ମିଶାଇ ଏକ ପ୍ରକାର କ୍ଷୀରି ବା ଜାଉ ପ୍ରସ୍ତୁତ କରାଯାଏ । ତାକୁ ମକର ଜାଉ କୁହାଯାଏ । ମକର ଚାଉଳକୁ ପରସ୍ପର ମଧ୍ୟରେ ବାଣ୍ଟି ମିତ୍ରତା ସ୍ଥାପନ କରାଯାଏ ଏବଂ ନିଜ ମଧ୍ୟରେ ମକର ଡକାଡକି ହୁଅନ୍ତି । ସୂର୍ଯ୍ୟଙ୍କ ଯୋଗୁଁ କୃଷି କ୍ଷେତ୍ରରେ ଶସ୍ୟ ଉତ୍ପନ୍ନ ହେଉଥିବାରୁ କୃଷକମାନେ ମକର ସଂକ୍ରାନ୍ତିର ପୁଣ୍ୟକାଳରେ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ପିଠାପଣା ମଧ୍ୟ ହୁଏ । ଓଡିଶାର ପ୍ରତି ଘରେ ଘରେ ଏ ପର୍ବ ପାଳନ କରାଯାଏ ।

ମକର ସଂକ୍ରାନ୍ତି ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତି ଓ ଅବକାଶ ନୀତି ବଢିବା ପରେ ଶ୍ରୀଜୀଉମାନଙ୍କର ପଟା ପହରଣ (ପତଳା ସୂତାର ଜାଳିକନା) ଲାଗି କରାଯିବା ପରେ ତ୍ରିମୁଣ୍ଡିରେ ମକର

ଚୂଳ ଲାଗି ହୋଇଥାଏ । ଏହା ପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହମାନଙ୍କର ବେଶ ବଢିଥାଏ । ଗୋପାଳବଲ୍ଲଭ ଓ ସକାଳ ଧୂପ ନୀତି ବଢିବା ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆ ଲୁଗା ଲାଗି, ମାଳଚୂଳ ଲାଗି ହେବା ପରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ମକର ବେଶ ବଢିଥାଏ । ଘଣ୍ଟ, ଛତା, କାହାଳୀ ପଟୁଆର ସହିତ ତଳୁଛ ଓ ପ୍ରଧାନୀ ସେବକଙ୍କ ହାତ ପୈଠ ହୋଇ ରୋଷ ଘରଠାରୁ ଭୋଗ ଶ୍ରୀଛାମୁଙ୍କୁ ଆସିଥାଏ । ଭୋଗଟେରା (ଭୋଗ ପୂଜା ସମୟରେ ସାଧାରଣ ପ୍ରବେଶ ନିରୋଧ କରିବାକୁ ଶ୍ରୀମନ୍ଦିର ଭିତରେ କଳାହାଟ ଦ୍ୱାର ସମ୍ମୁଖରେ ବନ୍ଧା ହେଉଥିବା କନାର ଲୁଗା) ବନ୍ଧା ହେବା ପରେ ଦିଗପାଳବଳି ନୀତି ହୋଇଥାଏ । ଭୋଗ ବାଢିବା ପରେ ପାଣି ପଡି ଧୋପଖାଳ (ଲୋକମାନଙ୍କୁ ବାହାର କରାଯାଇ ଭୋଗ ବଢାଯିବା ସ୍ଥାନ ଧୂଆ ହୋଇ ପରିଷ୍କାର କରାଯିବା) ହୋଇ ଟେରା ବନ୍ଧାଯାଏ । ଏହା ମଧ୍ୟରେ ମକର ଚାଉଳ ପ୍ରସ୍ତୁତି ନିମନ୍ତେ ରୋଷ ଘରକୁ ଗୋଦାମରୁ ନଡିଆ, ଘିଅ, ମିଠା, ମସଲା, କ୍ଷୀର ସରମାନ ଅଣାଯାଇଥାଏ । ହାଣ୍ଡିକୁଡୁଆ ଇତ୍ୟାଦି ସଜଡା ଯାଇଥାଏ । ଶୁଦ୍ଧ ସୁଆର ସେବକ ଏହି ଦ୍ରବ୍ୟଗୁଡିକରେ ମକର ଚାଉଳ ପ୍ରସ୍ତୁତ କରି ରଖିଥାନ୍ତି। ପୂର୍ବ ଦିନରୁ ଭୋଗ ମଣ୍ଡପ ଘରେ ଶୁଦ୍ଧପୂତ ଭାବେ ଅଧିବାସ ହୋଇ ରଖା ଯାଇଥିବା ମକର ଚାଉଳକୁ ପନ୍ତିବଡୁ (ଶ୍ରୀଛାମୁରେ କୋଠ ଭୋଗ ବାଢିବା ସେବକ) ସେବକମାନେ ମୁହଁରେ ବାଘମୁହଁ (ଭୋଗ ନେବା ବେଳେ ପାଟିରୁ ଛେପ ନ ପଡିବା ପାଇଁ ମୁହଁରେ ବନ୍ଧା ଯାଉଥିବା କନା), ବାନ୍ଧି ଘଣ୍ଟ, ଛତା, କାହାଳୀ, ପଟୁଆରେ ଚିଳଛୁଆଁ ସହ ମୁଖ୍ୟ ମନ୍ଦିରକୁ ତିନିଥର ପରିକ୍ରମା କରି ଶ୍ରୀଛାମୁରେ ପନ୍ତି ବାଢିଥାନ୍ତି । ଏହା ପରେ ମହାଭୋଇ (ଶ୍ରୀମନ୍ଦିର ମୁଖ୍ୟ ଗଉଡ ସେବକ) କ୍ଷୀର ଗୁଡିଆ ଶାକର ସବୁକୁ ଏକ ଥର ବଡଦେଉଳ ପରିକ୍ରମା କରି ଜୟ ବିଜୟ ଦ୍ୱାରଠାରେ ମହାସୁଆରଙ୍କ ଜିମା ଦେଲେ ମହାସୁଆର ତାକୁ ନେଇ ଶ୍ରୀଛାମୁରେ ବାଢିଥାନ୍ତି। ହଡପ ନାୟକ ସେବକ (ପନା ଯୋଗାଉଥିବା ସେବକ) ହଡପ ନେଇ ମହା ସୁଆରକୁ ଦେଇ ଥାଆନ୍ତି । ମୁଦିରସ୍ତ ସେବକ ପ୍ରସାଦ ଲାଗି କରିବା ପରେ ତିନି ବାଡରେ ତିନି ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି କରାନ୍ତି । ଭୋଗପରେ ଶ୍ରୀଜୀଉମାନଙ୍କୁ ବନ୍ଦାପନା କରାଯାଏ । ଏ ସମ୍ପର୍କରେ ସ୍କନ୍ଦ ପୁରାଣର ବିଷ୍ଣୁ ଖଣ୍ଡରେ ଉଲ୍ଲେଖ ରହିଛି ଯେ ମହର୍ଷି କଶ୍ୟପ ପୂର୍ବ କଳ୍ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରୀତି ନିମନ୍ତେ ଶ୍ରୀମନ୍ଦିରରେ ଏହି ମହୋତ୍ସବ ପାଳନ କରିଥିଲେ । ଜଗମୋହନରେ ଶ୍ରୀଜୀଉଙ୍କର ଅର୍ପିତ ଅମୃତୋପମ ମକରଚାଉଳ ମକରାନ୍ନ କୈବଲ୍ୟ ବା ମକର ଭୋଗ ଲାଭ କରିବା ନିମନ୍ତେ ଭକ୍ତମାନଙ୍କର ପ୍ରବଳ ଆଗ୍ରହ ଦେଖାଯାଏ । ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ ମକର ସଂକ୍ରାନ୍ତି ଦିନ ଜଗନ୍ନାଥ ଦର୍ଶନରେ ରାଜସୂୟ ଯଜ୍ଞର ଫଳପ୍ରାପ୍ତି ହୋଇଥାଏ ।

ଓଡିଶାର ଉତ୍ତରାଞ୍ଚଳରେ ବିଶେଷତଃ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଆଦିବାସୀମାନଙ୍କର ମକରଯାତ୍ରା ଏକ ପ୍ରଧାନ ପର୍ବ । ସେମାନେ ଏହି ପର୍ବକୁ ଟୁସୁ ପରବ ରୂପେ ପାଳନ କରନ୍ତି । ଅତ୍ରି ଉଷ୍ଣ ପ୍ରସବଣ ପୀଠରେ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଶ୍ରୀ ହଟକେଶ୍ୱରଙ୍କର ମକର ଯାତ୍ରା । ଏହି ଦିନ ନୀଳାମ୍ବୁ ଚିଲିକାର କାଳିଜାଈ ପୀଠରେ ମକର ଯାତ୍ରା ହୁଏ । ଶ୍ରୀଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ସମେତ ବିଭିନ୍ନ ପୀଠରେ ଦେବଦେବୀଙ୍କର ବନ୍ଦାପନା ଓ ମକର ଚାଉଳ ଲାଗି ହୁଏ । ପୁରପଲ୍ଲୀରେ ମକର ଚାଉଳ ଓ ସୂର୍ଯ୍ୟ ପୂଜା କରାଯାଏ । ମାଣିତ୍ରୀଠାରେ ମକର ମେଳା, କେନ୍ଦୁଝର, ବଣାଇ, ରାଜଗାଙ୍ଗପୁର ଓ ଢେଙ୍କାନାଳର ନାଧରାରେ ମକର ମେଳା ହୁଏ । ଝଙ୍କଡର ଶାରଳା ପୀଠରେ ରାମଚଣ୍ଡୀ ପୀଠ ନିରାକାରପୁର, ଘୁମୁସର, କୁଚିଣ୍ଡା, ଖୋର୍ଦ୍ଧା, ଶରଣକୂଳ ବାଙ୍କୋଇ, ବଉଳାବନ୍ଧ ମାଣ୍ଡିଆମେରୁ ବାରାହୀଙ୍କଠାରେ ଓ ଚିତ୍ରୋତ୍ପଳା ନିକଟସ୍ଥ ଗଦାଧର ଗୋସ୍ୱାମୀ ପୀଠରେ କଟକର ଧବଳେଶ୍ୱର ମନ୍ଦିରରେ ମକର ଯାତ୍ରା ଅନୁଷ୍ଠିତ ହୁଏ । ବଜ୍ରକାଳୀ ପୀଠରେ ପାଞ୍ଚଦିନ ଧରି ଯାତ୍ରା, ଭକ୍ତାନନ୍ଦ ଆଶ୍ରମରେ ଚୂଡା ପଖାଳ ଭୋଗ, ପୋଡାଡିହ ଶମୀ ବୃକ୍ଷ ମୂଳେ ଚାରିଦିନ ବ୍ୟାପି ମେଳା ମହୋତ୍ସବ ହୋଇଥାଏ । ଭୀମକୁଣ୍ଡଠାରେ ବୈତରଣୀରେ ପବିତ୍ର ସ୍ନାନ ଶ୍ରୀ କୁଣ୍ଡେଶ୍ୱର ଦର୍ଶନ, ଗଞ୍ଜାମ ସିଦ୍ଧିପୁର ବାରାହୀ ତାରାତାରିଣୀ, ମହୁରୀ, କାଳିଆ ମନ୍ତ୍ରୀ ଏକାଙ୍ଗୀ

ଭୈରବୀ ଦେବୀଙ୍କ ଯାତ୍ରା । ଲକ୍ଷ୍ମଣେଶ୍ୱର ପୀଠରେ, ଖଣ୍ଡାଧାର ଜଳପ୍ରପାତଠାରେ ମକର ବୁଡ ଓ ଯାତ୍ରା । ପୁରୀ ସାତଶଙ୍ଖ ଉତ୍ତରାୟଣୀ ପୀଠରେ ବନ୍ଦାପନା, ଜଗତସିଂହପୁର ଓଳକଣା ଓ ତିରାଠାରେ ପାଞ୍ଚଦିନ ମକର ଯାତ୍ରା ହୁଏ । ଅପଣ୍ଡରାଗୋଡା ଗାଦି ବ୍ରହ୍ମପ୍ରାଙ୍ଗଣରେ ମକର ଯାତ୍ରା, ଭୁବନେଶ୍ୱର ନିକଟ ବରିମୁଣ୍ଡ ଗ୍ରାମରେ ବିଜେ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କର ଅଲଣା ଓଷା । ଘଟ ଗାଁ ମା' ତାରିଣୀଙ୍କର ସୁନାବେଶ । ଫୁଲବାଣୀ କରିଙ୍ଗ ଆଶ୍ରମରେ ମକରମେଳା ଅନୁଷ୍ଠିତ ହୁଏ ।

ଓଡିଶା ବ୍ୟତୀତ ଭାରତର ବିଭିନ୍ନ ରାଜ୍ୟରେ ଛତିଶଗଡ, ଗୋଆ, ବିହାର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ମଣିପୁର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ସିକ୍କିମ ଆଦି ରାଜ୍ୟରେ ମକର ସଂକ୍ରାନ୍ତି ପାଳନ କରାଯାଏ । ଦକ୍ଷିଣ ଭାରତରେ ଏହି ଦିନ ତାମିଲ୍ ନୂଆବର୍ଷ ପାଳନ ହେଉଥିବାରୁ ଏହା ''ଥାଇପୋଙ୍ଗଲ' ନାମରେ ପରିଚିତ । ସିନ୍ଧି ଲୋକେ ଏହାକୁ 'ତିରମୌରୀ' କହୁଥିବା ବେଳେ ଗୁଜୁରାଟରେ 'ଉତ୍ତରାୟଣ' ଏବଂ ଉତ୍ତରାଖଣ୍ଡରେ 'ଉତ୍ତରାୟଣୀ' ବୋଲି କୁହାଯାଏ । ଉତ୍ତର ପ୍ରଦେଶ ଓ ପଶ୍ଚିମ ବିହାରରେ ଖେଚୁଡି ସଂକ୍ରାନ୍ତି , ହରିଆନା ହିମାଚଳ ପ୍ରଦେଶ ଏବଂ ପଞ୍ଜାବରେ ଏହାର ନାମ ମାଘି । ବଙ୍ଗୀୟମାନେ ଏହାକୁ ପୌଷ ସଂକ୍ରାନ୍ତି ନାମରେ ପାଳନ କରନ୍ତି । ମହାରାଷ୍ଟ୍ରରେ ତିଲ୍ ଗୁଡ ଭାବେ ତିନିଦିନ ଧରି ଉତ୍ସବ ପାଳନ କରାଯାଏ ।

କେବଳ ଏହି ପୂଜାର୍ଚ୍ଚନାରେ ମକର ସଂକ୍ରାନ୍ତି ପାଳନ ନୁହେଁ, ଏହି ଦିନ ଗୁଡି ଉଡେଇବା ମଧ୍ୟ ଅନ୍ୟତମ ପରମ୍ପରା । ଭଗବାନ ଶ୍ରୀରାମ ଗୁଡିଉଡା ଆରମ୍ଭ କରିଥିଲେ ବୋଲି ତୁଳସୀ ଦାସଙ୍କ ରାମଚରିତ ମାନସରେ ବର୍ଣ୍ଣିତ ଅଛି । ହନୁମାନଙ୍କୁ ପମ୍ପାପୁରରୁ ଡକାଯାଇଥିଲା । ସେତେବେଳେ ସେ ଶିଶୁ ରୂପରେ ଥିଲେ । ମକର ସଂକ୍ରାନ୍ତି ଦିନ ସେ ଆସିଥିଲେ ଏବଂ ଶ୍ରୀରାମ ଭାଇମାନଙ୍କ ସହିତ ମିଶି ଗୁଡି ଉଡାଇଲେ । କୁହାଯାଏ – ଏହି ଗୁଡି ଉଡି ଉଡି ଯାଇ ଦେବଲୋକରେ ପହଞ୍ଚି ଯାଇଥିଲା । ଏହାକୁ ଦେଖି ଇନ୍ଦ୍ରପୁତ୍ର ଜୟନ୍ତଙ୍କ ପତ୍ନୀ ମୁଗ୍ଧ ହୋଇଯାଇଥିଲେ । ତେଣୁ ଗୁଡି ଉଡାଇ ଦେବଲୋକ ପର୍ଯ୍ୟନ୍ତ ପହଞ୍ଚାଇଥିବା ବ୍ୟକ୍ତିଙ୍କୁ ଦର୍ଶନ କରିବା ପାଇଁ ସେ ଗୁଡିଟିକୁ ଧରି ବସିଲେ । ଶ୍ରୀରାମଙ୍କ ନିର୍ଦ୍ଦେଶରେ ହନୁମାନ ଗୁଡି ଖୋଜିବା ପାଇଁ ଇନ୍ଦ୍ରଲୋକରେ ପହଞ୍ଚିଲେ । ଶ୍ରୀରାମ ଏହି ଗୁଡିଟି ଉଡେଇ ଥିବାର ଶୁଣି ଦର୍ଶନ କରିବାକୁ ଇଚ୍ଛା କଲେ ଜୟନ୍ତଙ୍କ ପତ୍ନୀ । ପରେ ଚିତ୍ରକୂଟରେ ଶ୍ରୀରାମ ଦର୍ଶନ ଦେବେ ବୋଲି କହିବାରୁ ହନୁମାନ ଗୁଡି ଧରି ଫେରିଲେ । ଏହି ପ୍ରସଙ୍ଗରୁ ମକର ସଂକ୍ରାନ୍ତିରେ ଗୁଡି ଉଡା କେତେ ପ୍ରାଚୀନ ତାହା ଜଣାପଡେ ।

ମକର ସଂକ୍ରାନ୍ତି କେବଳ ଏକ ପର୍ବ ନୁହେଁ, ଭାଇଚାରା ସୃଷ୍ଟି କରିବା ସହିତ ସ୍ନେହ ପ୍ରେମର ବାର୍ତ୍ତା ପ୍ରଦାନ କରିବା କ୍ଷେତ୍ରରେ ଏହାର ପ୍ରମୁଖ ଭୂମିକା ରହିଛି । ରୀତିନୀତି ସହିତ ଜଡିତ ପ୍ରତ୍ୟେକ ହିନ୍ଦୁ ଏହି ପର୍ବ ପାଳନ କରିଥାନ୍ତି ।

ଦେଉଳବେଡା କଲୋନୀ
ତାଳଚେର, କ୍ୱାର୍ଟର ନଂ – ୧ ବି – ୨୦
ପିନ୍ – ୭୫୯୧୦୨, ତାଳଚେର

❖ ❖ ❖